**ଜିଲ୍ଲା କାର୍ଯ୍ୟାଳୟ, ପୁରୀ**
**(ଭୂ-ଅର୍ଜନ ଉପବିଭାଗ )**
**ସଂଖ୍ୟା : ୮୯୬ ତା: ୧୦.୦୬.୨୦୨୬**

**ପୁରୀ "ପୂର୍ବତଟ ରେଳପଥ, ଖୋର୍ଦ୍ଧା ଡିଭିଜନ" ଅଧୀନରେ ପୁରୀ ଏବଂ କୋଣାର୍କ (୩୨.୦୨ କି.ମି.) ମଧ୍ୟରେ ନୂତନ ରେଳ ଲାଇନ ନିମନ୍ତେ କାର୍ଯ୍ୟ କରିବା ପାଇଁ ରାଜସ୍ୱ ବିଭାଗରୁ ଅବସର ପ୍ରାପ୍ତ କର୍ମଚାରୀଙ୍କୁ ବାର୍ଷିକ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ବିଜ୍ଞାପନ ।**

ପୁରୀ ଜିଲ୍ଲାରେ "ପୂର୍ବତଟ ରେଳପଥ, ଖୋର୍ଦ୍ଧା ଡିଭିଜନ" ଅଧୀନରେ ପୁରୀ ଏବଂ କୋଣାର୍କ (୩୨.୦୨ କି.ମି.) ମଧ୍ୟରେ ନୂତନ ରେଳ ଲାଇନ ନିମନ୍ତେ ଭୂ-ଅର୍ଜନ ସମ୍ବନ୍ଧୀୟ କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ, ପୁରୀଙ୍କ କାର୍ଯ୍ୟାଳୟରେ ବାର୍ଷିକ ଚୁକ୍ତିଭିତ୍ତିକ ସେବା ନିମନ୍ତେ ରାଜସ୍ୱ ବିଭାଗରୁ ଅବସରପ୍ରାପ୍ତ ଯୋଗ୍ୟ କର୍ମଚାରୀମାନଙ୍କଠାରୁ ନିମ୍ନଲିଖିତ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ ତା ୧୭/୦୬/୨୦୨୬ ରିଖ ଅପରାହ୍ଣ ୫.୩୦ ମିନିଟ୍ ଅଟେ ।

**ପଦବୀ ଓ ମାସିକ ପାରିଶ୍ରମିକ ବିବରଣୀ**

| କ୍ରମିକ ସଂଖ୍ୟା | ପଦବୀ | ପଦବୀ ସଂଖ୍ୟା | ମାସିକ ପାରିଶ୍ରମିକ |
|---|---|---|---|
| ୧ | ରାଜସ୍ୱ ନିରୀକ୍ଷକ (RI) (ଅବସର) | ୦୨ | ଟ.୨୦,୦୦୦/- |
| ୨ | ବରିଷ୍ଠ କିରାଣୀ (Sr. Clerk) (ଅବସର) | ୦୧ | ଟ.୨୦,୦୦୦/- |
| ୩ | ଅମିନ (Amin) (ଅବସର) | ୦୨ | ଟ.୧୬,୫୦୦ /- |
| ୪ | ଡାଟା ଏଣ୍ଟ୍ରି ଅପରେଟର (Data Entry Operator) | ୦୧ | ଟ.୧୬,୫୦୦ /- |
| ୫ | ଚେନମ୍ୟାନ (Chainman) (ଅବସର | ୦୨ | ଟ.୧୩,୫୦୦/- |
| ୬ | ପ୍ରୋସେସ ସର୍ଭର (Process server) (ଅବସର) | ୦୨ | ଟ.୧୩,୫୦୦/- |
| ୭ | ପିଅନ (Peon) (ଅବସର) | ୦୨ | ଟ.୧୩,୫୦୦/- |
| | **ମୋଟ** | **୧୨** | |

ଏହି ପଦବୀ ପାଇଁ ଆଗ୍ରହୀଥିବା ରାଜସ୍ୱ ବିଭାଗରୁ ଅବସର ପ୍ରାପ୍ତ କର୍ମଚାରୀମାନେ ସେମାନଙ୍କର ଦରଖାସ୍ତ ତା ୧୭.୦୬.୨୦୨୬ ରଖ ଦିବା ଘ ୫.୩୦ ମଧ୍ୟରେ ଭୂ ଅର୍ଜନ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ସମ୍ପୃକ୍ତ ତାରିଖ ଗତେ ଦାଖଲ କରାଯାଇଥିବା ଦରଖାସ୍ତ ଆଗ୍ରହ୍ୟ ହେବ।

୧- ଦରଖାସ୍ତକାରୀ ତାଙ୍କ ଦରଖାସ୍ତ ସହିତ ଅବସର ପ୍ରାପ୍ତ ଆଦେଶର ନକଲ ଦାଖଲ କରିବେ ।

୨- ଦରଖାସ୍ତରେ କେଉଁ ପଦବୀ ନିମନ୍ତେ ଆବେଦନ କରୁଛନ୍ତି ତାହା ଉଲ୍ଲେଖ କରିବେ ।

୩- ଆବେଦନକାରୀ ତାଙ୍କ ଦରଖାସ୍ତ ସହିତ ସେ କୌଣସି ଭିଜିଲାନ୍ସ କିମ୍ବା ଫୌଜଦାରୀ ମୋକଦ୍ଦମାରେ ସଂଶ୍ଲିଷ୍ଟ ନଥିବା ଉଲ୍ଲେଖ କରି ଘୋଷଣାମ ଦାଖଲ କରିବେ।

୪- ଆବେଦନକାରୀ ତାଙ୍କ ଦରଖାସ୍ତରେ ମୋବାଇଲ ନମ୍ବର ଉଲ୍ଲେଖ କରିବା ସହିତ ଆଧାର କାର୍ଡର କପି ଦାଖଲ କରିବେ।

## ସୂଚନା ଓ ସର୍ତ୍ତାବଳୀ

୧- ଏହି ନିଯୁକ୍ତି ୧ ବର୍ଷ ନିମନ୍ତେ ବୈଧ ରହିବ ଏବଂ ଅବଶ୍ୟକ ସ୍ଥଳେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଆବଶ୍ୟକ ଦୃଷ୍ଟିରେ ରଖି କାର୍ଯ୍ୟକାଳ ବୃଦ୍ଧି କରାଯିବ। ।

୨-ନିଯୁକ୍ତି ଜିଲ୍ଲାପାଳ ପୁରୀଙ୍କ ଦ୍ୱାରା ଗଠିତ କମିଟି ଚୟନ କରିବେ।

୩- ନିଯୁକ୍ତି ପ୍ରାପ୍ତ ବ୍ୟକ୍ତି ମାସିକ ତାଙ୍କ ପଦବୀ ନିମନ୍ତେ ନିର୍ଦ୍ଧାରିତ ରାଶି ତାଙ୍କ ପ୍ରଦତ୍ତ ବ୍ୟାଙ୍କ Account ମାଧ୍ୟମରେ ପ୍ରାପ୍ତ ହେବେ ।

୪- ନିଯୁକ୍ତି ପ୍ରାପ୍ତ ଅବସର ପ୍ରାପ୍ତ କର୍ମଚାରୀ କାର୍ଯ୍ୟାଳୟକୁ ଯଥା ସମୟରେ ଆସି ତାଙ୍କୁ ପଦତ୍ତ କାର୍ଯ୍ୟ ସମ୍ପାଦନ କରିବେ।

୫ – ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ନିଯୁକ୍ତିକୁ ଯେକୌଣସି ସମୟରେ ରଦ୍ଦ କରିଦିଆଯିବ ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ପୁରୀ

ଉପ-ପତ୍ର ସଂଖ୍ୟା ୮୭୩ ତା ୧୦.୦୨.୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ ପୁରୀଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ଉପ-ଜିଲ୍ଲାପାଳ, ପୁରୀ / ସମସ୍ତ ତହସିଲଦାରଙ୍କୁ ପ୍ରେରଣ କରାଯାଇ ବହୁଳ ପ୍ରଚାର / ପ୍ରସାର ନିମନ୍ତେ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶିତ କରି ସାଧାରଣରେ ଅବଗତ କରିବା ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ପୁରୀ